## ସଂକ୍ଷେପରେ

### ଟଙ୍କାକୁ ନେଇ ଗଣ୍ଡଗୋଳ

**ବଇଣ୍ଡା,୨୭।୨(ଡି.ଏଅନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ଶନିବାର କିସ୍ତି ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଛି। ଏକ ଘରୋଇ ବ୍ୟାଙ୍କର କର୍ମଚାରୀ ଦିବ୍ୟଲୋଚନ ଭୂତିଆଙ୍କୁ କଦଳୀମୁଣ୍ଡା ଗ୍ରାମର ପ୍ରଶ୍ନ ବେହେରା ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପ୍ରଶ୍ନ ଏକ ବାଇକ୍ କିସ୍ତିରେ ଆଣିଥିବାବେଳେ ବ୍ୟାଙ୍କ କର୍ମଚାରୀ ଦିବ୍ୟଲୋଚନ କିସ୍ତି ଟଙ୍କା ମାଗିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୩/୨୨ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷରେ ପ୍ରଶ୍ନଙ୍କ ସ୍ତ୍ରୀ ରଶ୍ମିତା ବେହେରା ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଘରେ ଥିବାବେଳେ ଦିବ୍ୟଲୋଚନ ଆସି ତାଙ୍କ ସ୍ୱାମୀଙ୍କୁ ଟଙ୍କା ଦେବାକୁ କହିଥିଲେ। କିଛିଦିନ ପରେ ଟଙ୍କା ଦେବେ ବୋଲି କହିବାରୁ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଥିବା ରଶ୍ମିତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ନମ୍ବର ୫୪/୨୨ରେ ଏକ ମାମଲା ରୁଜୁ କରିଛି।

### ଭାଜପା ଛାଡ଼ିଲେ ନଗରମଣ୍ଡଳ ସଭାପତି

**ଢେଙ୍କାନାଳ ଅଫିସ,୨୭।୨:** ପୌର ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଢେଙ୍କାନାଳରେ ରାଜନୈତିକ ବାତାବରଣରେ ବେଶ୍ ଉଷ୍ମତା ପ୍ରକାଶ ପାଇଛି। ରବିବାର ଭାଜପା ନଗରମଣ୍ଡଳ ସଭାପତି ଅଜୟ କୁମାର ଭଞ୍ଜ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ପାତ୍ରଙ୍କ ଆକ୍ରୋଶର ଶିକାର ହୋଇ ନିଜ ପଦବୀ ଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏ ସଂକ୍ରାନ୍ତରେ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇଥିବା ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି।

### ନିର୍ବାଚନୀ ହିଂସା, ୩ ଗୁରୁତର

**କାମାକ୍ଷାନଗର,୨୭।୨(ଡି.ଏଅନ.ଏ.):** କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଦେଖିବାକୁ ମିଳିଛି। ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଅଜୟ ନାୟକଙ୍କ ୩ ଜଣ ସମର୍ଥକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ବ୍ରହ୍ମାନନ୍ଦନ ସ୍ୱାଇଁ (୪୭), ଧନେଶ୍ୱର ଖୁଣ୍ଟିଆ (୪୫), ଟୁନା ସ୍ୱାଇଁ (୪୦)। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୨ ବଖରା ଜଳିଗଲା

**କାମାକ୍ଷାନଗର, ୨୭।୨ (ଡି.ଏଅନ.ଏ.):** କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତ ସମାଟାଙ୍ଗି ଗୋଡିସାହି ଗ୍ରାମରେ ରବିବାର ଅପରାହ୍ନରେ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ବିଜୟା ସାହୁଙ୍କ ୨ ବଖରା ଘର ଜଳିଯାଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରଲେଖା ସୁଦ୍ଧା ବିଜୟାଙ୍କ କେତେ କ୍ଷୟକ୍ଷତି ହୋଇଛି ତାହା ଆକଳନ କରାଯାଇପାରିନାହିଁ।

### ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀଙ୍କ ପରଲୋକ



**ବଅଁରପାଳ, ୨୭।୨ (ଡି.ଏଅନ.ଏ.):** ଅନୁଗୋଳ ଜିଲାରେ ବନଖଣ୍ଡ ଅଧିକରୀ ଭାବେ ଅବସର ଗ୍ରହଣ କରିଥିବା ଯୋଗେଶ ଚନ୍ଦ୍ର ଜେନାଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବରପାଇ ତାଙ୍କ ବଡ଼ ଭାଇ ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା, କ୍ଷାତିଶଚନ୍ଦ୍ର ଜେନା, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ପ୍ରମୁଖ ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବହୁ ମାନ୍ୟଗଣ୍ୟ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ।

# ଢେଙ୍କାନାଳରେ ଭାଜପାର ଘୋର ବିପର୍ଯ୍ୟୟ

**ଢେଙ୍କାନାଳ ଅଫିସ,୨୭।୨**

- ପ୍ରଥମ ପର୍ଯ୍ୟାୟ ଫଳ ବିଜେଡି ସପକ୍ଷରେ
- ୮ ଜୋନ୍ ମଧ୍ୟରୁ ବିଜେଡି ୭, ଭାଜପା ୧
- ୨୦୧୭ରେ ଭାଜପା ପାଇଥିଲା ୬, ବିଜେଡି ୨



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଢେଙ୍କାନାଳ ଜିଲାରେ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଭାଜପା। ୨୬ ତାରିଖରେ ଜିଲାର ୮ ଜିଲା ପରିଷଦ ଜୋନ୍‌ର ଭୋଟ ଗଣତିରୁ ମିଳିଥିବା ଫଳାଫଳ ବିଜେଡି ସପକ୍ଷରେ ଯାଇଥିବାରୁ ଭାଜପା ଶିବିରରେ ନିରାଶା ଖେଳିଯାଇଛି। ୨୦୧୭ ନିର୍ବାଚନରେ ଉକ୍ତ ୮ ଜୋନ୍‌ରୁ ଭାଜପା ୬ ଓ ବିଜେଡି ୨ଟିରେ ବିଜୟୀ ହୋଇଥିବା ବେଳେ ଚଳିତବର୍ଷ ବିଜେଡିକୁ ୭ ଓ ଭାଜପାକୁ ମାତ୍ର ଗୋଟିଏ ଜୋନ୍ ମିଳିପାରିଛି। ଭାଜପା ବିଜୟୀ ହୋଇଥିବା ଏକମାତ୍ର ଜୋନ୍ (ନଂ. ୨୧)ରେ ବିଜୟ ବ୍ୟବଧାନ ମାତ୍ର ୩୫୭ ରହିଥିବାରୁ ଏହା ମଧ୍ୟ ଦଳ ପାଇଁ ସେପରି ଆଶ୍ୱାସନା ହୋଇପାରି ନାହିଁ।

ଢେଙ୍କାନାଳ ଜିଲାରେ ରହିଛି ମୋଟ୍ ୨୭ଟି ଜିଲା ପରିଷଦ ଜୋନ୍। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡିକୁ କଡ଼ା ଟକ୍କର ଦେଇଥିଲା ଭାଜପା। ବିଜେଡି ୧୫ ଜୋନ୍ ଅକ୍ତିଆର କରିଥିବାବେଳେ ଭାଜପାକୁ ମିଳିଥିଲା ୧୨ଟି ଜିଲା ପରିଷଦ ଆସନ। ତେବେ ଚଳିତ ନିର୍ବାଚନରେ ଭାଜପା ମାଟି କାମୁଡ଼ିବା ଭଳି ସ୍ଥିତି ଦୃଶ୍ୟମାନ ହେଉଛି। ୨୬ ତାରିଖରେ ଜିଲାର ୮ଟି ଜୋନ୍ ପାଇଁ ହୋଇଥିବା ଭୋଟ ଗଣତି ଫଳାଫଳ ପ୍ରକାଶ ପାଇବା ପରେ ଏହା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଢେଙ୍କାନାଳ ସଦର ବ୍ଲକ ଜୋନ୍-୧୪ରେ ବିଜେଡି ପ୍ରାର୍ଥୀ ପୂର୍ଣ୍ଣିମା ଦେହୁରୀ ୧୫ ହଜାର ୮୪ ଓ ଭାଜପା ପ୍ରାର୍ଥୀ ସଂଯୁକ୍ତା ହୋତାଙ୍କୁ ୮ ହଜାର ୧୮୭ ଭୋଟ ମିଳିଛି। ଫଳରେ ବିଜେଡି ପ୍ରାର୍ଥୀ ୬୮୯୭ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ ନିର୍ବାଚନରେ ଏଠାରେ ଭାଜପା ପ୍ରାର୍ଥୀ ପ୍ରଦୀପ କୁମାର ବେହେରା ବିଜୟୀ ହୋଇଥିଲେ। ଓଡାପଡା ବ୍ଲକ ଜୋନ୍-୧ରେ ବିଜେଡି ପ୍ରାର୍ଥୀ ପ୍ରତିମା ନାୟକ ୧୭ ହଜାର ୮୫୮ ଓ ଭାଜପାର ବବିଲତା ବେହେରା ୧୦ ହଜାର ୭୨୪ ଭୋଟ ପାଇଛନ୍ତି। ବିଜେଡି ପ୍ରାର୍ଥୀ ଏଠାରେ ୭ ହଜାର ୧୩୪ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ରେ ଏହି ଆସନରୁ ଭାଜପା ପ୍ରାର୍ଥୀ ନମିତା ବେହେରା ବିଜୟୀ ହୋଇଥିଲେ। ଗଁଦିଆ ବ୍ଲକ ଜୋନ୍-୧୦ରେ ବିଜେଡି ପ୍ରାର୍ଥୀ ବିଶ୍ୱନାଥ ଚିନ୍ନାରା ୧୩ ହଜାର ୨୦୧ ଓ ଭାଜପାର ମମତା ସ୍ୱାଇଁ ୫ ହଜାର ୮୦ ଭୋଟ ପାଇଛନ୍ତି। ଫଳରେ ବିଜେଡି ପ୍ରାର୍ଥୀ ୮ ହଜାର ୧୨୧ ଭୋଟରେ ବିଜୟୀ ହୋଇଛନ୍ତି। ୨୦୧୭ରେ ଏଠାରୁ ଭାଜପା ପ୍ରାର୍ଥୀ ମମତା ସ୍ୱାଇଁ ବିଜୟୀ ହୋଇଥିଲେ। ହିନ୍ଦୋଳ ବ୍ଲକ ଜୋନ୍-୨୪ରେ ବିଜେଡି ପ୍ରାର୍ଥୀ ମାମାଲି ଦାସ ୧୨ ହଜାର ୯୬ ଓ ଭାଜପା ପ୍ରାର୍ଥୀ ସୁନିତା ନାଥ ୧୧ ହଜାର ୯୬୦ ଖଣ୍ଡ ଭୋଟ ପାଇଛନ୍ତି। ବିଜେଡି ପ୍ରାର୍ଥୀ ମାତ୍ର ୧୩୬ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ ନିର୍ବାଚନରେ ଏଠାରୁ ଭାଜପାର ଧର୍ମାନନ୍ଦ ସେନାପତି ବିଜୟୀ ହୋଇଥିଲେ। ପରଜଙ୍ଗ ବ୍ଲକ ୧୮ନଂ ଜୋନ୍‌ରେ ବିଜେଡି ପ୍ରାର୍ଥୀ ରୁନୁ ବର୍ମା ୧୪ ହଜାର ୯୪ ଓ ଭାଜପାର ଏଲିନା ଭୂତିଆ ୧୩ ହଜାର ୮୮୭ ଭୋଟ ପାଇଛନ୍ତି। ଫଳରେ ବିଜେଡି ପ୍ରାର୍ଥୀ ୨୦୭ ଭୋଟରେ ବିଜୟୀ ହୋଇଛନ୍ତି। ୨୦୧୭ ନିର୍ବାଚନରେ ଏହି ଆସନରୁ ଭାଜପା ପ୍ରାର୍ଥୀ ଶରତ ଚନ୍ଦ୍ର ସାହୁ ବିଜୟୀ ହୋଇଥିଲେ। କାମାକ୍ଷାନଗର ଜୋନ୍-୭ରେ ବିଜେଡି ପ୍ରାର୍ଥୀ ଦୀପ୍ତିମୟୀ ବିଶ୍ୱାଳଙ୍କୁ ୧୨ ହଜାର ୩୫୦ ଓ ଭାଜପାର ନିବେଦିତା ରାଉତଙ୍କୁ ୯ ହଜାର ୯୬୦ ଭୋଟ ମିଳିଛି। ଫଳରେ ବିଜେଡି ପ୍ରାର୍ଥୀ ୨୩୯୦ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ରେ ଏହି ଆସନରୁ ବିଜେଡିର ପ୍ରେମାନନ୍ଦ ସାହୁ ବିଜୟୀ ହୋଇଥିଲେ। କଙ୍କଡାହାଡ ବ୍ଲକ ଜୋନ୍-୪ରେ ବିଜେଡି ପ୍ରାର୍ଥୀ ନବକିଶୋର ସାହୁ ୧୦ ହଜାର ୨୦୩ ଓ ଭାଜପାର ମହତାବ ସାହୁ ୯ ହଜାର ୫୦୨ ଭୋଟ ପାଇଛନ୍ତି। ଫଳରେ ବିଜେଡି ପ୍ରାର୍ଥୀ ୭୦୧ ଭୋଟରେ ବିଜୟୀ ହୋଇଛନ୍ତି। ୨୦୧୭ ମସିହାରେ ଏହି ଆସନରୁ ଭାଜପା ପ୍ରାର୍ଥୀ ସୁବର୍ଣ୍ଣ ସାହୁ ବିଜୟୀ ହୋଇଥିଲେ। ଚଳିତବର୍ଷ ଭାଜପା ଭାଗରେ ପଡ଼ିଥିବା ଏକମାତ୍ର ଜିଲା ପରିଷଦ ଜୋନ୍ ହେଉଛି ଭୁବନ ବ୍ଲକର ୨୧ନଂ ଜୋନ୍। ଏହି ଆସନରୁ ଭାଜପା ପ୍ରାର୍ଥୀ ସିଲାରାଣୀ ସାହୁଙ୍କୁ ୧୦ ହଜାର ୫୮୪ ଓ ବିଜେଡି ପ୍ରାର୍ଥୀ ସୁଭଦ୍ରା ପାତ୍ରଙ୍କୁ ୧୦ ହଜାର ୨୨୭ ଖଣ୍ଡ ଭୋଟ ମିଳିଛି। ଭାଜପା ପ୍ରାର୍ଥୀ ୩୫୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୭ ମସିହାରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ପ୍ରବୋଧ କୁମାର ଦାସ ବିଜୟୀ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଏହି ଫଳାଫଳରୁ କଂଗ୍ରେସ ପ୍ରାର୍ଥୀମାନେ ତୃତୀୟ ସ୍ଥାନରେ ରହିଥିବା ଦେଖାଯାଇଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏଥର ବିଜେଡି ବାହୁବଳ, ଅର୍ଥବଳ ସହିତ ପ୍ରଶାସନକୁ ବିନିଯୋଗ କରି ଏଭଳି ଫଳାଫଳ ପାଇଛି। ପ୍ରଚାର ବେଳେ ରାଜ୍ୟ ସଭାପତିଙ୍କୁ ସୁରକ୍ଷା ଦେବା ବଦଳରେ ୪ଥର ପୋଲିସ ଅଟକାଇଥିଲା। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ବିଶ୍ୱାସ ଓ ଭରସା କରି ଜନସାଧାରଣ ବିଜେଡିକୁ ଭୋଟ ଦେଇଛନ୍ତି। ୨୨ବର୍ଷ ମଧ୍ୟରେ ଏହା ଏକ ଅଭୂତପୂର୍ବ ଇତିହାସ ସୃଷ୍ଟି କରିବ।

## ୨ଟିରେ ବିଜୟୀ, ୬ ଜୋନ୍‌ରେ ଆଗୁଆ

**ଢେଙ୍କାନାଳ ଅଫିସ,୨୭।୨**

ଭୋଟ ଗଣତିର ଦ୍ୱିତୀୟ ଦିବସରେ ଢେଙ୍କାନାଳ ଜିଲାର ୮ ଜିଲା ପରିଷଦ ଜୋନ୍ ମଧ୍ୟରୁ ବିଜେଡି ୨ଟିରେ ବିଜୟୀ ହୋଇଥିବା ବେଳେ ଅନ୍ୟ ୬ଟିରେ ପ୍ରାର୍ଥୀମାନେ ଆଗରେ ରହିଥିବା ସୂଚନା ମିଳିଛି। କାମାକ୍ଷାନଗର ଜୋନ୍-୮ରେ ବିଜେଡି ପ୍ରାର୍ଥୀ ଅଶୋକ ବେହେରା ୬୨୧ ଭୋଟରେ ବିଜୟୀ ହୋଇଛନ୍ତି। ଅଶୋକ ୧୧ ହଜାର ୫୮୭ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ପ୍ରମୋଦ ପ୍ରସାଦ ନନ୍ଦ ୧୦୯୬୬ ଭୋଟ ପାଇଛନ୍ତି। ୨୦୧୭ରେ ଭାଜପା ଏହି ଜୋନ୍‌କୁ ଅକ୍ତିଆର କରିଥିଲା ବେଳେ ଏଥର ବିଜେଡି ବିଜୟୀ ହୋଇଛି। ସେହିପରି ଢେଙ୍କାନାଳ ସଦର ବ୍ଲକ ଜୋନ୍ ୧୫ରେ ବିଜେଡି ପ୍ରାର୍ଥୀ ଝରସ୍ମିତା ଦେହୁରୀ ୮୦୨୫ ଭୋଟରେ ବିଜୟୀ ହୋଇଛନ୍ତି। ଝରସ୍ମିତା ୧୪୧୪୫ ଭୋଟ ପାଇଥିବା ବେଳେ ଭାଜପାର ମମତାମୟୀ ପଣ୍ଡାଙ୍କୁ ୬୧୨୦ ଖଣ୍ଡ ଭୋଟ ମିଳିଛି। ୨୦୧୭ ନିର୍ବାଚନରେ ଏହି ଆସନ ଭାଜପା ଭାଗ୍ୟରେ ପଡ଼ିଥିବା ବେଳେ ଏଥର ବିଜେଡି ବିଜୟୀ ହୋଇଛି। ରାତି ୧୦ଟା ସୁଦ୍ଧା ଓଡାପଡା ବ୍ଲକ ୨ନଂ ଜୋନ୍‌ରେ ଭାଜପା ପ୍ରାର୍ଥୀ ଚନ୍ଦ୍ରକାନ୍ତ ସାହୁ ୬୨୧୮ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ବାଳକୃଷ୍ଣ ସାହୁ ୧୧୫୦୬ ଭୋଟ ପାଇ ଆଗେଇ ଚାଲିଛନ୍ତି। ୨୦୧୭ ନିର୍ବାଚନରେ ଏଠାରେ ଭାଜପା ବିଜୟୀ ହୋଇଥିଲା। ଗଁଦିଆ ବ୍ଲକ ଜୋନ-୧୧ରେ ଭାଜପା ପ୍ରାର୍ଥୀ ନିୟତି ଭୋଇ ୮୪୧୩ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ମମତା ମଞ୍ଜରୀ ବେହେରା ୧୫୮୦୯ ଭୋଟ ପାଇ ବହୁ ଆଗରେ ଅଛନ୍ତି। ୨୦୧୭ ନିର୍ବାଚନ ପରି ଏଥର ମଧ୍ୟ ବିଜେଡି ଏଠାରେ ବିଜୟ ବାନା ଉଡ଼ାଇବା ଭଳି ମନେ ହେଉଛି। ହିନ୍ଦୋଳ ବ୍ଲକ ଜୋନ-

**ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ଜାରି**

୨୫ରେ ବିଜେଡି ପ୍ରାର୍ଥୀ ସୁମନ୍ତ ଦେହୁରୀ ୯୧୩୭ ଭୋଟ ପାଇଛନ୍ତି। ଭାଜପା ପ୍ରାର୍ଥୀ ନରେନ୍ଦ୍ର କୁମାର ଗଡନାୟକ ୫୦୭୦ ଖଣ୍ଡ ଭୋଟ ପାଇ ପଛେଇ ଚାଲିଛନ୍ତି। ଏହି ଆସନ ୨୦୧୭ରେ ବିଜେଡି ଖାତାକୁ ଯାଇଥିଲା। ପରଜଙ୍ଗ ବ୍ଲକ ଜୋନ-୧୯ରେ ଭାଜପା ପ୍ରାର୍ଥୀ ଅଶାନ୍ତି ସାହୁଙ୍କୁ ୮୯୫୭ ଭୋଟ ମିଳିଛି। ବିଜେଡି ପ୍ରାର୍ଥୀ ନିରାକାର ପ୍ରଧାନ ୯୯୬୬ ଭୋଟ ପାଇ ଆଗେଇ ଚାଲିଛନ୍ତି। ୨୦୧୭ ନିର୍ବାଚନରେ ଏହି ଜୋନ୍‌ରୁ ବିଜେଡି ବିଜୟୀ ହୋଇଥିଲା। କଙ୍କଡାହାଡ ଜୋନ-୫ରେ ଭାଜପା ପ୍ରାର୍ଥୀ ଅନସୂୟା ସିଂହଙ୍କ ୫୧୬୨ ଠାରୁ ବିଜେଡି ପ୍ରାର୍ଥୀ ରିନା ହେଂସା ୯୦୫୮ ଆଗରେ ରହିଛନ୍ତି। ଏହି ଆସନରୁ ୨୦୧୭ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଭୁବନ ବ୍ଲକ ୨୨ନଂ ଜୋନରେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାହୁ ୯୭୮୦ ଖଣ୍ଡ ଭୋଟ ପାଇ ଭାଜପା ପ୍ରାର୍ଥୀଙ୍କଠାରୁ ଆଗରେ ରହିଛନ୍ତି। ଭାଜପା ପ୍ରାର୍ଥୀ ବୀରେନ୍ଦ୍ର ପ୍ରତାପ ଜେନାଙ୍କୁ ୬୬୨୪ ଖଣ୍ଡ ଭୋଟ ମିଳିଛି। ଏହି ଆସନରୁ ୨୦୧୭ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ ।

## ଆଜି ଶେଷ ପର୍ଯ୍ୟାୟ ଗଣତି

**ଢେଙ୍କାନାଳ ଅଫିସ,୨୭।୨**

**୧୧ ଜୋନ୍‌ରେ ୪୪ ପ୍ରାର୍ଥୀଙ୍କ ଭାଗ୍ୟଫଳ**

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ ଗଣତି ସୋମବାର ଅନୁଷ୍ଠିତ ହେବ। ୧୧ଟି ଜୋନ୍ ଓ ଏହା ଅଧୀନରେ ଥିବା ପଞ୍ଚାୟତଗୁଡ଼ିକର ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ୧୧ଟି ଜିଲା ପରିଷଦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୪୪ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ଫଳ ପ୍ରକାଶ ପାଇବ। ସକାଳ ୮ଟାରୁ ଗଣତି ଶେଷହେବା ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହେବ। ଓଡାପଡା ବ୍ଲକ ୩ନଂ ଜୋନ୍‌ରେ ୫ଜଣ ପ୍ରାର୍ଥୀ ରହିଥିବାବେଳେ କଙ୍କଡାହାଡ ବ୍ଲକ ୬ନଂ ଜୋନ୍‌ରେ ୪ଜଣ, କାମାକ୍ଷାନଗର ବ୍ଲକ ୯ନଂ ଜୋନ୍‌ରେ ୪ଜଣ, ଗଁଦିଆ ୧୨ନଂ ଜୋନ୍‌ରେ ୩ଜଣ ଓ ୧୩ନଂ ଜୋନ୍‌ରେ ୪ଜଣ, ସଦର ବ୍ଲକ ୧୬ନଂ ଜୋନ୍‌ରେ ୬ଜଣ ଓ ୧୭ନଂ ଜୋନ୍‌ରେ ୪ଜଣ, ପରଜଙ୍ଗ ବ୍ଲକ ୨୦ନଂ ଜୋନ୍‌ରେ ୪ଜଣ, ଭୁବନ ୨୩ନଂ ଜୋନ୍‌ରେ ୪ଜଣ, ହିନ୍ଦୋଳ ବ୍ଲକ ୨୬ନଂ ଜୋନରେ ୩ଜଣ ଓ ୨୭ନଂ ଜୋନରେ ୪ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ମଧ୍ୟରୁ କିଏ ବିଜୟୀ ଏବଂ କିଏ ପରାଜିତ ତାହା ସ୍ପଷ୍ଟ ହେବ। କଡା ସୁରକ୍ଷା ମଧ୍ୟରେ ଭୋଟ ଗଣତି କାର୍ଯ୍ୟ ଜାରି ରହିଛି। ଶେଷ ପର୍ଯ୍ୟାୟ ଭୋଟ ଗଣତି ପରେ ଢେଙ୍କାନାଳ ଜିଲାର ମୋଟ ୨୭ଟି ଆସନର ଚୂଡାନ୍ତ ଫଳାଫଳ ସ୍ପଷ୍ଟ ହେବ ଏବଂ ଜିଲା ପରିଷଦ କିଏ ଦଖଲ କରିବ ତାହା ଜଣାପଡ଼ିବ।

## ଅନୁଗୋଳରୁ ୨୫ ପଜିଟିଭ ଚିହ୍ନଟ



**ଅନୁଗୋଳ ଅଫିସ,୨୭।୨:** ଅନୁଗୋଳ ଜିଲାରେ ରବିବାର ୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮୪୯୦ରେ ପହଞ୍ଚିଛି। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୯, ଛେଣ୍ଡିପଦା ବ୍ଲକରୁ ୪, ଆଠମଲ୍ଲିକ ବ୍ଲକରୁ ୪, ବଅଁରପାଳ ବ୍ଲକରୁ ୩, କିଶୋରନଗର ବ୍ଲକରୁ ୩ ଏବଂ କଣିହାଁ ବ୍ଲକରୁ ୨ଜଣ ରହିଛନ୍ତି। ସେହିପରି ଦିନକରେ ୨୨ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

## ହୋଣ୍ଡା ସିବି ୩୦୦ ଆର୍ ବାଇକ୍‌ର ବଜାର ପ୍ରବେଶ

**ଅନୁଗୋଳ ଅଫିସ,୨୭।୨**



ବାଇକ୍‌ର ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଅନୁଗୋଳ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ବିଗ୍‌ଉଇଙ୍ଗ ଅନୁଗୋଳଠାରେ ହୋଣ୍ଡାର ବହୁ ପ୍ରତୀକ୍ଷିତ ମୋଟରସାଇକେଲ ହୋଣ୍ଡା ସିବି ୩୦୦ ଆର୍‌ର ବଜାର ପ୍ରବେଶ ହୋଇଛି। ଜୋନାଲ ମ୍ୟାନେଜର ସେଲ୍ସ ଅଜିତ୍ ପଣ୍ଡା, ଜୋନାଲ ମ୍ୟାନେଜର କଷ୍ଟମର ସର୍ଭିସ ପ୍ରତାପ ସିଂଙ୍କ କରକମଳରେ ଏହି ବଜାର ପ୍ରବେଶ ହୋଇଥିଲା। ହୋଣ୍ଡା ସିବି ୩୦୦ ଆର୍‌ରେ ପାୱାରଫୁଲ ଇଞ୍ଜିନ ରହିଥିବାବେଳେ ଆକର୍ଷଣୀୟ ଷ୍ଟାଇଲ, ଉନ୍ନତ ମାଇଲେଜ ମିଳିବ। ଏହା ଆର୍ ୪ ଷ୍ଟ୍ରୋକ ଇଞ୍ଜିନ ସହିତ ଅତ୍ୟାଧୁନିକ ଗୁଣବତ୍ତାରେ ଭରପୁର ରହିବ। ୨ଟି କଲରରେ ଉପଲବ୍ଧ ଏହି ବାଇକ୍‌ର ଏକ୍ସ ଶୋ'ରୁମ ମୂଲ୍ୟ ମାତ୍ର ୨ ଲକ୍ଷ ୭୭ ହଜାର ୮୦୭ ଟଙ୍କାରୁ ଆରମ୍ଭ ହେଉଛି। ସ୍ୱତନ୍ତ୍ର ଏକ୍ସଚେଞ୍ଜ ଏବଂ ଫାଇନାନ୍ସ ସୁବିଧା କରାଯାଇଛି। ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡ଼ି ସହିତ ଗ୍ରାହକମାନଙ୍କୁ ଉତ୍ତମସେବା ଯୋଗାଇଦେବା ପ୍ରଥମ ଲକ୍ଷ୍ୟ ବୋଲି ବିଗ୍‌ଉଇଙ୍ଗ ଅନୁଗୋଳର ସ୍ୱତ୍ୱାଧିକାରୀ ସୁଜିତ୍ କଷ୍ଟମର ଅଗ୍ରୱାଲ୍ କହିଛନ୍ତି। ଏହି ବଜାର ପ୍ରବେଶ ଉତ୍ସବରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା।

## ୩ ଆନ୍ତଃଜିଲା ଡକାୟତ ଗିରଫ

**ଢେଙ୍କାନାଳ ଅଫିସ,୨୭।୨**



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ କଲୋନୀ ସାହି ଆମ୍ବ ତୋଟାରେ ଶନିବାର ରାତିରେ ଟାଉନ ଥାନା ପୋଲିସ ଚଢାଉ କରି ୩ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ପାଟରା ଛକର ଏସ୍‌କେ ରୁହେବ ଓରଫ୍ ୱାହିଦ ଓରଫ୍ ପୋଟଳ(୨୮), କଟକ ଜିଲା ଗୋବିନ୍ଦପୁର ଥାନା ବଳିଆପଡା ଅଞ୍ଚଳର ଦିପୁ ଓରଫ ସନ୍ତୋଷ ଦାସ(୩୨), କଟକ ଜିଲା ଜଗତପୁର ଥାନା ପଦ୍ମପୁର କାଜିବଜାର ଅଞ୍ଚଳର ଏମ୍‌ଡି ରହିମ(୨୪) ଓରଫ ଗୁଡୁ ଓରଫ୍ ଛୋଟୁ। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଜୀବନ୍ତ ଗୁଳି, ଖଣ୍ଡା, ୩ଟି କାତି, ୫ ମୋବାଇଲ, କାର ଏବଂ ବୁଲେଟ ଜବତ କରାଯାଇଛି। ଅନ୍ୟଜଣେ ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଛି। ଅଭିଯୁକ୍ତମାନେ ୫୫ନଂ ଜାତୀୟ ରାଜପଥରେ ପେଟ୍ରୋଲ ପମ୍ପ ସହ ଅନ୍ୟ ଜାଗାରୁ ଡକାୟତି ଯୋଜନା କରୁଥିଲେ। ଖବରପାଇ ଏସ୍‌ପି ଏଲ୍ ଦିବ୍ୟା ଭିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ଚଢାଉ କରିଥିଲେ। ଏ ନେଇ ଟାଉନ ଥାନାରେ ନଂ. ୧୦୭/୨୨ରେ ମାମଲା ରୁଜୁ ହୋଇଛି। ସେହିପରି ଗିରଫ ଅଭିଯୁକ୍ତଙ୍କ କଟକ ଓ ଜଗତସିଂହପୁର ଜିଲା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବହୁ ଅପରାଧରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି।

**ବନ୍ଧୁକ, ଗୁଳି ଜବତ**

## ସରପଞ୍ଚ, ସମିତି ସଭ୍ୟ ନିର୍ବାଚିତ

**ଢେଙ୍କାନାଳ ଅଫିସ,୨୭।୨**

ଢେଙ୍କାନାଳ ସଦର ବ୍ଲକ ୧୪ନଂ. ଜୋନ୍ ଅଧୀନରେ ଥିବା ୮ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ୨୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ପରେ ମିଳିଥିବା ସୂଚନା ଅନୁଯାୟୀ, ବଣସିଂହ ସରପଞ୍ଚ ଭାବେ ପ୍ରମିଳା ବେହେରା ଓ ସମିତି ସଭ୍ୟ ଭାବେ ରଞ୍ଜିତା ନାୟକ ବିଜୟୀ ହୋଇଛନ୍ତି। ସେହିପରି ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ ଓ ସମିତି ସଭ୍ୟ ଅମ୍ବିକା ସାମଲ, ଚାଉଳିଆରେ ସରପଞ୍ଚ ବାବୁଲି ଚନ୍ଦ୍ର ରାଉତ ଓ ସମିତି ସଭ୍ୟ କାଳନ୍ଦି ବାରିକ, ନାଗିଆପଶିରେ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ଓ ସମିତି ସଭ୍ୟ ସନ୍ଧ୍ୟାରାଣୀ ପୃଷ୍ଟି, ନୁଆଗାଁରେ ସରପଞ୍ଚ ସୁମିତ୍ରା ଭୂୟାଁ ଓ ସମିତି ସଭ୍ୟ ପ୍ରସନ୍ନ ବେହେରା, ରାଧାଦେଇପୁରରେ ସରପଞ୍ଚ ଟୁନିସିନି ବାରିକ ଓ ସମିତି ସଭ୍ୟ ଗଙ୍ଗାଧର ସେଠୀ, ସୋଗରପଶିରେ ସରପଞ୍ଚ ତପନ କୁମାର ପାତ୍ର ଓ ସମିତି ସଭ୍ୟ ସର୍ବେଶ୍ୱର ନାୟକ, ତରଭା ପଞ୍ଚାୟତରେ ସରପଞ୍ଚ ପ୍ରତିମା ବେହେରା ଓ ସମିତି ସଭ୍ୟା ଜୟନ୍ତୀ ବେହେରା ନିର୍ବାଚିତ ହୋଇଛନ୍ତି।

## ଗାଁ ପାଇଁ ଦିନଟିଏ ଅଭିଯାନ

**ଢେଙ୍କାନାଳ ଅଫିସ,୨୭।୨**




ଗାଁ ପାଇଁ ଦିନଟିଏ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ।

ଢେଙ୍କାନାଳ ଜିଲା ଭୋଜଦେଇପୁର ଅଞ୍ଚଳରେ ରବିବାର ଗାଁ ପାଇଁ ଦିନଟିଏ ଅଭିଯାନ ଅବସରରେ ସମ୍ପୃକ୍ତ ଅଞ୍ଚଳର ମହାପ୍ରଭୁ ଭୋଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମସ୍ତେ କିପରି ନିଜ ଗାଁ ମାଟିକୁ ଭଲପାଇବେ, ନିଜ ପଞ୍ଚାୟତ ତଥା ଗ୍ରାମର ଉନ୍ନତି ପାଇଁ ଚିନ୍ତା କରିବେ ଏବଂ ନିଜନିଜ ସ୍ତରରେ ସହଯୋଗ କରି ଗାଁର ବିକାଶ କରିବେ ସେହି ଚିନ୍ତା ଓ ଚେତନାକୁ ନେଇ ଆରମ୍ଭ ହୋଇଛି ଗାଁ ପାଇଁ ଦିନଟିଏ ଅଭିଯାନ। ଏହି ଅବସରରେ ସମସ୍ତେ ନିଜର କର୍ମମୟ ଜୀବନରୁ ସମୟ ବାହାର କରି ଗାଁର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଆଗକୁ ଜାଗରଯାତ୍ରା ଥିବାରୁ ସମସ୍ତେ ମିଶି ଭୋଳେଶ୍ୱରଙ୍କ ମନ୍ଦିର ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦାଶିବପୁର, କଶିପଦା, ବରଦା ଓ ଭୋଜଦେଇପୁର ଅଞ୍ଚଳର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଶିବପ୍ରସାଦ ମହାପାତ୍ର, ସୁଦର୍ଶନ ପରିଡା, ଦୁର୍ଗାଚରଣ ମହାପାତ୍ର, ରୁଦ୍ରପ୍ରସାଦ ମହାପାତ୍ର, କୃପାସିନ୍ଧୁ ମିଶ୍ର, ପ୍ରାଧ୍ୟାପକ ଅଟଳ ବିହାରୀ ଦାସ, ନଟବର ସାହୁ, ସ୍ୱେତ କୁମାର ନନ୍ଦ, ଆଇନଜୀବୀ ବସନ୍ତ କୁମାର ରଥ ଓ ଶୋଭା ଅନୁଷ୍ଠାନ ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶୋଭା ଅନୁଷ୍ଠାନ ପକ୍ଷରୁ ଚାଇଲ୍ଡ ଲାଇନ, ସଖି ଓ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।

## ପିଲା, ବୟସ୍କଙ୍କୁ ବାରଣ

**ଢେଙ୍କାନାଳ ଅଫିସ,୨୭।୨**

**କପିଳାସ ପୀଠରେ ଜାଗରଯାତ୍ରା ପ୍ରସ୍ତୁତି ସମୀକ୍ଷା**



ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କପିଳାସ୍ଥିତ ମହାପ୍ରଭୁ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରେ ଆସନ୍ତା ୧ ତାରିଖରେ ହେବାକୁ ଥିବା ମହାଶିବରାତ୍ରୀ ଓ ଜାଗରଯାତ୍ରା ପ୍ରସ୍ତୁତି ନିମନ୍ତେ ରବିବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜାଗର ଯାତ୍ରାକୁ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଆସିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ସେହିପରି ଜିଲା ବାହାର ଶ୍ରଦ୍ଧାଳୁଙ୍କୁ ପୀଠକୁ ବାରଣ କରାଯାଇଛି। କେବଳ ଜିଲାବାସୀ ଯେଉଁମାନେ କୋଭିଡର ଡବଲ ଡୋଜ୍ ଟିକା ନେଇଥିବେ ସେମାନେ ଜାଗର ଯାତ୍ରାକୁ ଆସିପାରିବେ। ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯିବା ସହ ସାମାଜିକ ଦୂରତ୍ୱ ଅନୁପାଳନକୁ ଗୁରୁତ୍ୱ ଦିଆଯିବ। କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ଓ ଅନୁମତିପ୍ରାପ୍ତ ଯାନବାହାନକୁ ଛାଡି ସାଧାରଣ ଲୋକଙ୍କ କୌଣସି ଯାନବାହାନ ପୀଠ ଉପରକୁ ଯିବା ବାରଣ କରାଯାଇଛି। ଚା, ଜଳଖିଆ, ଖାଦ୍ୟ ଆଦି ଦୋକାନ ବ୍ୟବସାୟକୁ ଛାଡି ଅନ୍ୟ ବ୍ୟବସାୟକୁ ବାରଣ କରାଯାଇଛି। ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ ସହିତ ନିୟମିତ ବିଶୋଧନ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଝରଣା ଜଳ ବିଶୋଧନ, ଅସ୍ଥାୟୀ ପରିଶ୍ରାଗାର ସ୍ଥାପନ, ଆଲୋକ ବ୍ୟବସ୍ଥା, ଆଶୁଚିକିତ୍ସା, ଟିକାକରଣ, ଥର୍ମାଲ ଟେଷ୍ଟିଂ, ସ୍ୱେଚ୍ଛାସେବୀଙ୍କ ନିୟୋଜନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏସ୍‌ପି ଏଲ ଦିବ୍ୟା ଭି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା ରେଡକ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ସେବାୟତ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଣେ ମୃତ, ୮ ସୁସ୍ଥ

**ଢେଙ୍କାନାଳ ଅଫିସ,୨୭।୨:** ଢେଙ୍କାନାଳ ଜିଲାରୁ ରବିବାର କୌଣସି କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ତେବେ ପୂର୍ବ ସଂକ୍ରମିତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାରୁ ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୨୬୪ ହୋଇଛି। ସେହିପରି ଦିନକରେ ୮ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୨୨ ହଜାର ୩୫୬ ହୋଇଥିବାବେଳେ ୨୨ ହଜାର ୭୩ ସୁସ୍ଥ ହୋଇସାରିଛନ୍ତି। ୧୯ ଜଣ ଚିକିତ୍ସାଧୀନ ରହିଛନ୍ତି।

### ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

**ଛେଣ୍ଡିପଦା,୨୭।୨(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ କାଠପାଳ ଗ୍ରାମରେ ଭାଲୁ ଆକ୍ରମଣରେ ଚାଷୀ କାଳିଆ ସାହୁ (୪୦) ଗୁରୁତର ହୋଇଛନ୍ତି। କାଳିଆ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗୋରୁ ଚରାଇବା ପାଇଁ ଯାଉଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ଭାରସାମ୍ୟ ହରାଇ ଗଛରେ ପିଟିଲା ବାଇକ

**ଛେଣ୍ଡିପଦା,୨୭।୨(ସ୍ୱ.ପ୍ର):** ଛେଣ୍ଡିପଦା-ଅନୁଗୋଳ ୬୩ ନଂ. ରାଜ୍ୟ ରାଜପଥର କୁଦପାଳ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇଛି। ଏଥିରେ କର୍ଣ୍ଣପାଳ ଗ୍ରାମର ବାଇକ ଆରୋହି ସିଲୁ ସାହୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଆଜି ୧୨ ଜୋନ୍‌ର ଭୋଟ ଗଣତି

**ଅନୁଗୋଳ ଅଫିସ,୨୭।୨:** ଅନୁଗୋଳ ଜିଲାର ଅବଶିଷ୍ଟ ୧୨ଟି ଜିଲା ପରିଷଦ ଜୋନ୍ ଓ ଏହା ଅଧୀନରେ ଥିବା ପଞ୍ଚାୟତଗୁଡ଼ିକ ଲାଗି ସୋମବାର ଭୋଟ ଗଣତି କରାଯିବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ଅନୁଗୋଳ ବ୍ଲକର ୩ ଓ ୪ନଂ ଜୋନ୍, ବଣ୍ଡଁରପାଳ ବ୍ଲକର ୨୭ ଓ ୨୮ନଂ ଜୋନ୍, ତାଳଚେରର ୨୦ ଓ ୨୧ନଂ. ଜୋନ୍, ଛେଣ୍ଡିପଦାର ୧୬ ଓ ୧୭ନଂ. ଜୋନ୍, କଣିହାଁର ୧୦ନଂ., ପାଲଲହଡ଼ାର ୨୪ନଂ. ଜୋନ୍, ଆଠମଲ୍ଲିକର ୭ନଂ. ଜୋନ୍ ଏବଂ କିଶୋରନଗର ବ୍ଲକରେ ଥିବା ୧୩ନଂ. ଜୋନ୍‌ର ଭୋଟ ଗଣତି କରାଯିବ। ଏଥିପାଇଁ ୮ଟି ବ୍ଲକରେ ଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# ଅନୁଗୋଳରେ ବିଜୟ ମୁହାଁ ବିଜେଡି

**ଅନୁଗୋଳ ଅଫିସ,୨୭।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନୁଗୋଳ ଜିଲାର ମୋଟ୍ ୨୮ ଜୋନ୍‌ରେ ବିଜେଡି ଭଲ କରିବାର ଆଶା ଅଧିକ ଉଜ୍ଜୀବିତ ହୋଇଛି। କାରଣ ୨୬ ତାରିଖ ଗୋଟିଏ ପର୍ଯ୍ୟାୟ ଗଣତିରେ ୮ ଜୋନ୍‌କୁ କରାୟତ କରିନେଇଥିବା ବିଜେଡି ରବିବାର ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ୭ ଜୋନ୍‌ରେ ଭାଜପା ଠାରୁ ଆଗରେ ରହିଛି। ବିଶେଷକରି କିଶୋରନଗରରେ ଥିବା ୩ ଜୋନ୍‌ରେ ଭାଜପା ଗତ ୨୦୧୭ ନିର୍ବାଚନରେ ବିଜୟୀ ହୋଇଥିବା ବେଳେ ଏଥର ଉକ୍ତ ଗଡ଼କୁ ବିଜେଡି ଛଡ଼ାଇ ନେବା ସମ୍ଭାବନା ସୃଷ୍ଟି ହୋଇଛି।

ପ୍ରଥମ ପର୍ଯ୍ୟାୟ ଫଳାଫଳ ଅନୁଯାୟୀ, ଅନୁଗୋଳ ୧ନଂ. ଜୋନ୍‌ରେ ବିଜେଡିର କାଜଲ ପଟ୍ଟନାୟକ ଭାଜପାର ଡଲି ଚିନ୍ନରାଙ୍କୁ ୫୫୩୯ ଭୋଟରେ ହରାଇଛନ୍ତି। କାଜଲ ୧୨୫୪୯ ଭୋଟ ପାଇଥିବାବେଳେ ଡଲି ୭୦୧୦ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ସାହୁଙ୍କୁ ୧୪୬୦ ଖଣ୍ଡ ଭୋଟ ମିଳିଛି। ଆଠମଲ୍ଲିକ ବ୍ଲକରେ ଥିବା ୫ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ରଶ୍ମିରେଖା ମାହାର ଭାଜପାର ଚିତ୍ତରଞ୍ଜନ ପ୍ରଧାନଙ୍କୁ ୨୪୪୯ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ରଶ୍ମିରେଖା ୧୩୫୮୫, ଚିତ୍ତରଞ୍ଜନ ୧୧୧୩୬ ଓ କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସାହୁଙ୍କୁ ୨୯୩୫ ଖଣ୍ଡ ଭୋଟ ମିଳିଛି। କଣିହାଁ ବ୍ଲକରେ ଥିବା ୮ନଂ. ଜୋନ୍‌ରେ ବିଜେଡିର ରଶ୍ମିତା ସେଠୀ ଭାଜପାର ଚନ୍ଦନ ସ୍ୱରାଜଙ୍କୁ ୩୦୭୭ ଭୋଟରେ ପରାସ୍ତ କରିଛନ୍ତି। ରଶ୍ମିତାଙ୍କୁ ୧୪୫୭୪, ଚନ୍ଦନଙ୍କୁ ୧୧୪୯୭ ଓ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ବେହେରାଙ୍କୁ ୩୫୨୪ ଖଣ୍ଡ ଭୋଟ ମିଳିଛି। କିଶୋରନଗର ବ୍ଲକରେ ଥିବା ୧୧ନଂ. ଜୋନରେ ଭାଜପା ପ୍ରାର୍ଥୀ ଅନିତା ପ୍ରଧାନଙ୍କୁ ହରାଇ ବବିତା ପ୍ରଧାନ ୪୨୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ବବିତାଙ୍କୁ ୧୦୧୦୬, ଅନିତାଙ୍କୁ ୯୬୮୫ ଓ କଂଗ୍ରେସର ଗୀତାଞ୍ଜଳି ପ୍ରଧାନଙ୍କୁ ୭୬୫ ଖଣ୍ଡ ଭୋଟ ମିଳିଛି। ଛେଣ୍ଡିପଦା ବ୍ଲକ ୧୪ନଂ. ଜୋନ୍‌ରେ ବିଜେଡିର ନଗେନ୍ଦ୍ର କୁମାର ପ୍ରଧାନ ଭାଜପାର ଅଖିଳ ଗଡ଼ନାୟକଙ୍କୁ ୭୪୭ ଖଣ୍ଡ ଭୋଟରେ ହରାଇଛନ୍ତି। ନଗେନ୍ଦ୍ର ୧୨୦୪୮, ଅଖିଳ ୧୧୩୦୧ ଓ କଂଗ୍ରେସର ଅଜୟ କୁମାର ବେହେରାଙ୍କୁ ୧୦୫୯ ଖଣ୍ଡ ଭୋଟ ମିଳିଛି। ତାଳଚେରରେ ଥିବା ୧୮ନଂ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଅମୀୟ କୁମାର ପ୍ରଧାନ ଭାଜପାର ହିମାଂଶୁ ଶେଖର ସାହୁଙ୍କୁ ୨୬୫୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଅମୀୟଙ୍କୁ ୧୩୪୨୮, ହିମାଂଶୁଙ୍କୁ ୧୦୭୭୫ ଓ କଂଗ୍ରେସ ପ୍ରାର୍ଥୀ ଡାକ୍ତର ମହାନ୍ତିଙ୍କୁ ୧୧୨୬ ଖଣ୍ଡ ଭୋଟ ମିଳିଛି। ପାଲଲହଡ଼ାରେ ଥିବା ୨୨ନଂ. ଜୋନ୍‌ରେ ବିଜେଡିର ବୁଧୁରାମ ବାଇପାଇ ଭାଜପାର ଗୁରୁଚରଣ ହେମ୍ବ୍ରମ୍‌ଙ୍କୁ ୧୫୬୦ ଭୋଟରେ ପରାସ୍ତ କରିଛନ୍ତି। ବୁଧୁରାମଙ୍କୁ ୧୧୯୧୪, ଗୁରୁଚରଣଙ୍କୁ ୧୦୩୫୪ ଓ କଂଗ୍ରେସ ପ୍ରାର୍ଥୀ ମଙ୍ଗଳସିଂହ ପୃଷ୍ଟିଙ୍କୁ ୨୨୩୪ ଭୋଟ ମିଳିଛି। ବଣ୍ଡଁରପାଳ ବ୍ଲକରେ ଥିବା ୨୫ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଦିଲୀପ ପ୍ରଧାନ ଭାଜପାର ସରୋଜ ଦେବତାଙ୍କୁ ୩୦୦୨ ଭୋଟରେ ହରାଇଛନ୍ତି। ଦିଲୀପଙ୍କୁ ୧୬୩୮୬, ସରୋଜଙ୍କୁ ୧୩୩୮୪ ଓ କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ପ୍ରଧାନଙ୍କୁ ୯୯୪ ଖଣ୍ଡ ଭୋଟ ମିଳିଛି।

**କିଶୋରନଗରରେ ଭାଙ୍ଗିଲା ଭାଜପା ଗଡ଼**

ସେହିପରି ୨୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୮ ଜୋନ୍‌ର ଗଣତି ଚାଲିଥିବା ବେଳେ ରାତି ୧୧ଟା ସୁଦ୍ଧା ୭ ଜୋନ୍‌ରେ ବିଜେଡି ଆଗରେ ରହିଛି। ଅନୁଗୋଳ ବ୍ଲକ୨ନଂ. ଜୋନ୍‌ରେ ବିଜେଡିର ରେବତୀ ନାଏକ ଭାଜପାର ରଞ୍ଜିତା ନାଏକଙ୍କଠାରୁ ୬୨୭୬ ଭୋଟରେ ଆଗରେ ରହିଛନ୍ତି। ଆଠମଲ୍ଲିକ ବ୍ଲକର ୬ ନମ୍ବର ଜୋନ୍‌ରେ ଭାଜପା ପ୍ରାର୍ଥୀ ରୋହିତ କୁମାର ନାୟକଙ୍କୁ ପଛରେ ପକାଇ ବିଜେଡି ପ୍ରାର୍ଥୀ ଯୁଧିଷ୍ଠିର ନାୟକ ୪୧୯୪ ଭୋଟରେ ଆଗରେ ରହିଛିନ୍ତି। ସେହିପରି କଣିହାଁ ବ୍ଲକ ୯ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ରଞ୍ଜନ ସାହୁ ଭାଜପା ପ୍ରାର୍ଥୀ ସବ୍ୟସାଚୀ ପାଣିଙ୍କଠାରୁ ୫୬୪୦ ଭୋଟରେ ଆଗରେ ରହିଛନ୍ତି। କିଶୋରନଗର ବ୍ଲକ ୧୨ ନମ୍ବର ଜୋନରେ ଭାଜପା ପ୍ରାର୍ଥୀ ଅଞ୍ଜଳି ପ୍ରଧାନଙ୍କ ଠାରୁ ବିଜେଡି ପ୍ରାର୍ଥୀ ଅନୁପମା ସାହୁ ୪୪୫୭ ଭୋଟରେ ଆଗରେ ରହିଛନ୍ତି। ଛେଣ୍ଡିପଦା ବ୍ଲକ ୧୫ନଂ. ଜୋନ୍‌ରେ ଭାଜପାର ଯଶୋବନ୍ତ ବେହେରା ବିଜେଡି ପ୍ରାର୍ଥୀ ତ୍ରିନାଥ ବେହେରାଙ୍କଠାରୁ ୫୪୦ ଭୋଟରେ ଆଗରେ ରହିଛନ୍ତି। ତାଳଚେର ବ୍ଲକ ୧୯ନଂ. ଜୋନ୍‌ରେ ବିଜେଡିର ବୁଲୁ ପ୍ରସାଦ ପତି ଭାଜପାର ମନୋଜ ପ୍ରଧାନଙ୍କଠାରୁ ୧୭୫୪ ଭୋଟରେ ଆଗରେ ରହିଛନ୍ତି। ପାଲଲହଡ଼ା ବ୍ଲକ ୨୩ ନଂ. ଜୋନ୍‌ରେ ବିଜେଡିର ସାବିତ୍ରୀ ମାଝି ଭାଜପାର ସସ୍ମିତା କରୁଆଙ୍କଠାରୁ ୯୧୩ ଭୋଟରେ ଆଗରେ ରହିଛନ୍ତି। ବଣ୍ଡଁରପାଳ ବ୍ଲକ ୨୬ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ସୁଶୀଳା ନାଏକ ଭାଜପା ପ୍ରାର୍ଥୀ ଗୀତଞ୍ଜଳି ବେହେରାଙ୍କଠାରୁ ୨୯୮୬ ଭୋଟରେ ଆଗରେ ରହିଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ଦୋକାନୀଙ୍କୁ ହତ୍ୟା

**କେନ୍ଦୁଝର, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତର କାଦକଳା ଗ୍ରାମରେ ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମାୟାଧର ବେହେରା। ପ୍ରକାଶ ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଭୁଜାଲିରେ ହାଣି ଅତି ନିର୍ମମ ଭାବେ ହତ୍ୟା କରି ଫେରାର ହୋଇ ଯାଇଥିବା ବେଳେ ପୋଲିସ ଖବର ପାଇ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ ଶୀଘ୍ର ଧରାଯିବ ବୋଲି ନୟାକୋଟ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମାୟାଧର ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏନେଇ ଏକ ମାମଲା (ନଂ.୧୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

## ବାହାରିଲା ୭ ପଞ୍ଚାୟତ ଫଳ

**ଛେଣ୍ଡିପଦା,୨୭।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା ୧୪ ନମ୍ବର ଜୋନ୍ ଓ ଏହା ଅଧୀନରେ ରହିଥିବା ୭ଟି ପଞ୍ଚାୟତର ଫଳାଫଳ ଘୋଷଣା ହୋଇଛି। ୨୬ ତାରିଖରେ ହୋଇଥିବା ଭୋଟ ଗଣତି ଅନୁଯାୟୀ, ଏହି ଜୋନ୍ ଅଧୀନ କଣଲୋଇ ପଞ୍ଚାୟତର ସରପଞ୍ଚ ଭାବେ ଜନ୍ମେଞ୍ଜୟ ମାଝି ୧୬୫ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସମିତିସଭ୍ୟା ଭାବେ ପାଞ୍ଚାଳି ପଲେଇ ବିଜୟୀ ହୋଇଛନ୍ତି। ନୂଆଗାଁ ସରପଞ୍ଚ ଭାବେ ଅଞ୍ଜଳୀ ପ୍ରଧାନ ୩୨୫ ଓ ସମିତିସଭ୍ୟ ଗୋଲାପ ଚାନ୍ଦ ବେହେରା ୩୯୪ ଭୋଟରେ ବିଜୟୀ ହୋଇଛନ୍ତି। ପାତ୍ରପଡା ସରପଞ୍ଚ ଭାବେ ରଶ୍ମିତା ପ୍ରଧାନ ୧୨୩୪ ଓ ସମିତିସଭ୍ୟ ପ୍ରାର୍ଥୀ ଦୀପକ କୁମାର ସାହୁ ୧୧୪୦ ଅଧିକ ଭୋଟରେ ଜୟଯୁକ୍ତ ହୋଇଛନ୍ତି। ବରସାହି ସରପଞ୍ଚ ଭାବେ କ୍ଷୀରୋଦିନୀ ବେହେରା ୨୫୬ ଓ ସମିତିସଭ୍ୟ ଭାବେ ସୁକାନ୍ତି ବେହେରା ୧୪୬ ଖଣ୍ଡ ଭୋଟରେ ଅନ୍ୟ ପ୍ରାର୍ଥୀଙ୍କୁ ପରାସ୍ତ କରିଛନ୍ତି। ବାଗଡ଼ିଆ ସରପଞ୍ଚ ଭାବେ ପୁଷ୍ପଲତା ବେହେରା ୪୨୩ ଓ ସମିତିସଭ୍ୟା ଭାବେ ସୀତା ବେହେରା ୯୫ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଟାଙ୍ଗିରୀ ସରପଞ୍ଚ ଭାବେ ଅମରେଶ ନାଥ ୮୪୮ ଓ ସମିତିସଭ୍ୟ ମହେଶ୍ୱର ମାଝି ୨୨୩ ଖଣ୍ଡ ଭୋଟ ଅଧିକା ପାଇ ବିଜୟୀ ହୋଇଛନ୍ତି। ପାଟକମୁଣ୍ଡା ସରପଞ୍ଚ ଭାବେ ସୁପ୍ରଭା ବିଶ୍ୱାଳ ୧୭୦୭ ଓ ସମିତିସଭ୍ୟା ଭାବେ ସୁନିତା ସାହୁ ୩୩୫ ଖଣ୍ଡ ଭୋଟ ଅଧିକ ବିଜୟୀ ହୋଇଛନ୍ତି।

## ୮ନଂ. ଜୋନ୍ ପଞ୍ଚାୟତ ଫଳାଫଳ ଘୋଷଣା

**କଣିହାଁ, ୨୭।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ଥିବା ୮ ନମ୍ବର ଜୋନ ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବାଲିପଶି ପଞ୍ଚାୟତରେ ସରପଞ୍ଚ ହାଡିବନ୍ଧୁ ସେଠୀ ଓ ସମିତିସଭ୍ୟ ଭାବେ ସୁଜାତା ନାଏକ ବିଜୟୀ ହୋଇଛନ୍ତି। ସେହିପରି ହନୁମାନପୁରରେ ସରପଞ୍ଚ ଲିପିକା ପ୍ରଧାନ ଓ ସମିତିସଭ୍ୟ ନମିତା ସାହୁ, କୁଲୁମାରେ ସରପଞ୍ଚ ଦୀପି ମାଝି ଓ ସମିତିସଭ୍ୟ ସରୋଜ ନାଏକ, ବଜ୍ରକୋଟରେ ସରପଞ୍ଚ ପ୍ରଦୀପ କୁମାର ସାହୁ ଓ ସମିତିସଭ୍ୟ ସୀମାଞ୍ଚଳ ପଣ୍ଡା, ରେଙ୍ଗାଳିରେ ସରପଞ୍ଚ ପ୍ରଭାତୀ ସେଠୀ ଓ ସମିତିସଭ୍ୟ ଦେବାଶିଷ ମହାନ୍ତି, ଡେରେଙ୍ଗରେ ସରପଞ୍ଚ ସଂଯୁକ୍ତା ବେହେରା (ଅପ୍ରତିଦ୍ୱନ୍ଦ୍ୱୀ) ଓ ସମିତିସଭ୍ୟ ସନ୍ତୋଷ କୁମାର ନାଏକ, କାକୁଡ଼ିଆରେ ସରପଞ୍ଚ ଭାରତୀ ସାମଲ ଓ ସମିତିସଭ୍ୟ ମଲ୍ଲି ବେହେରା, ଦଲକରେ ସରପଞ୍ଚ ସଂଗୀତା ଡାକୁଆ ଓ ସମିତିସଭ୍ୟ ଦୀପକ ସେଠୀ, ତାଳପଦାରେ ସରପଞ୍ଚ ରାଜେନ୍ଦ୍ର କୁମାର ବେହେରା ଓ ସମିତିସଭ୍ୟ ସନ୍ତୋଶିନୀ ନାଏକ ବିଜୟ ଲାଭ କରିଛନ୍ତି।



ଅନୁଗୋଳ ପିଟିସି ହାଇସ୍କୁଲ ପରିସରରେ ରବିବାର ଭୋଟ ଗଣତି ବେଳେ ବାହାରେ ଭିଡ଼।

## ବୋଲେରୋକୁ ପିଟିଲା ଟ୍ରକ୍, ଜଣେ ମୃତ

**କେନ୍ଦୁଝର ,୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ନିକଟବର୍ତ୍ତୀ ଜୁଡିଆ ଘାଟି ୪୯ନଂ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ପ୍ଲାଷ୍ଟିକ ବୋଝେଇ ଟ୍ରକ ବୋଲେରୋକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ହୋଇଛି। ଟାଉନ ପୋଲିସ ପହଞ୍ଚି ଟ୍ରକରେ ଚାପି ହୋଇଥିବା ହେଲ୍ପରଙ୍କୁ ଉଦ୍ଧାର କରିବାସହ ଆହତ ଥିବା ଲୋକଙ୍କୁ ଏନଏଚ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ରାସ୍ତା କଡ଼ରେ ସୁରକ୍ଷା ବାଡ଼ ଥିବା ଯୋଗୁଁ ଅଳ୍ପକେ ବୋଲେରୋ ଯାତ୍ରୀ ବର୍ତ୍ତି ଯାଇଛନ୍ତି।

## ଆଜିଠୁ ୮୧୦ ସ୍କୁଲରେ ବାଜିବ ଘଣ୍ଟି

**ଅନୁଗୋଳ ଅଫିସ,୨୭।୨**

**ପ୍ରଥମରୁ ସପ୍ତମ ଶ୍ରେଣୀ ପିଲା ଯିବେ ସ୍କୁଲ**

ଅନୁଗୋଳ ଜିଲାରେ ସୋମବାରଠାରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେବ ପିଲାଙ୍କ ପାଠପଢ଼ା। ଜିଲାର ୮୧୦ ସ୍କୁଲରେ ଏଥିପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ୪୭ ସ୍କୁଲରେ ବୁଲି ଭିତ୍ତିଭୂମି ଅନୁଧ୍ୟାନ କରିସାରିଛନ୍ତି। ପିଲାମାନେ କିପରି ସଂକ୍ରମଣରୁ ସୁରକ୍ଷିତ ରହିବେ, ସେଥିପାଇଁ ପ୍ରଧାନଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଅଭିଭାବକମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି। ଭୋଟ ଗଣତି ପରେ ଅନ୍ୟ ସ୍କୁଲଗୁଡ଼ିକ ଖୋଲାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ଉପଖଣ୍ଡର ପଞ୍ଚାୟତ ଫଳ ପ୍ରକାଶ

**ବଇଣ୍ଡା,୨୭।୨ (ଡି.ଏନ.ଏ.)**

କିଶୋରନଗର ବ୍ଲକ ୧୧ ନମ୍ବର ଜୋନ୍‌ରେ ଥିବା ବାମୁର ପଞ୍ଚାୟତରେ ସଂଜୀବ କୁମାର ପ୍ରଧାନ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ସମିତିସଭ୍ୟ ଭାବେ ଲବକୁମାର ପ୍ରଧାନ, ଜଏରାଟ ପଞ୍ଚାୟତରେ ସରପଞ୍ଚ ଭାବେ ବିଜୟ କୁମାର ରଥ, ସମିତିସଭ୍ୟ ଭାବରେ ମମତା ମେହେର, ଧଉରାପାଲି ପଞ୍ଚାୟତରେ ସରପଞ୍ଚ ଭାବେ ସଂଜୀତ କୁମାର ସାହୁ, ସମିତିସଭ୍ୟ ଭାବେ ଲଲାଟ ମଞ୍ଜରୀ ସାହୁ, ଓସ୍କାପାଲି ପଞ୍ଚାୟତର ସରପଞ୍ଚ ଭାବେ ବିଜୟନୀ ସାହୁ, ସମିତିସଭ୍ୟ ଭାବେ ସାବିତ୍ରୀ ନାୟକ, ରଣିଆକଟା ପଞ୍ଚାୟତର ସରପଞ୍ଚ ଭାବେ ସୁଲୋଚନା ପ୍ରଧାନ, ସମିତିସଭ୍ୟ ଭାବେ ଲକ୍ଷ୍ମୀପ୍ରିୟା ନାୟକ, କଦଳିମୁଣ୍ଡା ପଞ୍ଚାୟତର ସରପଞ୍ଚ ଭାବେ ପ୍ରଶାନ୍ତ ସେଠୀ, ସମିତିସଭ୍ୟ ଭାବେ ଅନିଲ କୁମାର ସାହୁ, ହିମିତିରା ପଞ୍ଚାୟତର ସରପଞ୍ଚ ଭାବେ ସୁମିତ୍ରା ସେଠୀ, ସମିତିସଭ୍ୟ ଭାବେ ପ୍ରଣବ କୁମାର ପ୍ରଧାନ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଶାନ୍ତି ସ୍ୱରୂପ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତର ସରପଞ୍ଚ ଭାବେ ସୁଧୀର ସେଠୀ, ସମିତିସଭ୍ୟ ମାମି ସେଠୀ, କନ୍ଧପଡା ପଞ୍ଚାୟତ ସରପଞ୍ଚ ଭାବେ ରଂଜିତା ପ୍ରଧାନ, ସମିତିସଭ୍ୟ ରମେଶ ଚନ୍ଦ୍ର ପାତ୍ର, କିଆକଟା ପଞ୍ଚାୟତରେ ସରପଞ୍ଚ ଭାବେ ଗାୟତ୍ରୀ ବେହେରା, ସମିତିସଭ୍ୟ ସୁମିତ୍ରା କର୍ଣ୍ଣ, କୁଦଗାଁ ପଞ୍ଚାୟତରେ ସରପଞ୍ଚ ଭାବେ ସିଦ୍ଧାର୍ଥ ଶେଖର କ୍ଷେତି, ସମିତିସଭ୍ୟ ଭାବେ ମମତା ମହାକୁଡ, ଲୁଣହାଣ୍ଡି ପଞ୍ଚାୟତରେ ସରପଞ୍ଚ ଭାବେ ଅରୂପା ନନ୍ଦ ଚାନ୍ଦ, ସମିତିସଭ୍ୟ ଦେବକାନ୍ତ ରଣଭୂଇଁସା, ମାଧପୁର ପଂଚାୟତରେ ସରପଞ୍ଚ ଭାବେ ସନ୍ତୋଷିନୀ ମହାକୁଡ, ସମିତିସଭ୍ୟ ଭାବେ ସମୀର କୁମାର ପଣ୍ଡା, ପୁରୁଣାମାଣତ୍ରି ପଞ୍ଚାୟତରେ ସରପଞ୍ଚ ଭାବରେ ମମତା ପାତ୍ର, ସମିତିସଭ୍ୟ ଭାବରେ ବନିତା ସାହୁ, ଟୁସର ପଞ୍ଚାୟତରେ ସରପଞ୍ଚ ଭାବେ ଅଶୋକ ପ୍ରଧାନ, ସମିତିସଭ୍ୟ ଭାବରେ ଦୁଃଶାସନ ରାଉଳ, ବାସୁଦେବପୁର ପଞ୍ଚାୟତରେ ସରପଞ୍ଚ ଭାବେ କଳ୍ପନା ଡାଙ୍ଗ, ସମିତିସଭ୍ୟ ଅନନ୍ତ ଜାନୀ ବିଜୟୀ ହୋଇଥିବା ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି।

## ସ୍ତ୍ରୀଙ୍କୁ ଗଳା କାଟି ହତ୍ୟା: ଅଭିଯୁକ୍ତ ଅଟକ

**ବଡବିଲ, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ସେରେଣ୍ଡାସ୍ଥିତ, ଜଗଦା ସାହିରେ ଜଣେ ମହିଳାଙ୍କ ଗଳା କାଟି ହତ୍ୟା ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ଅଭିଯୁକ୍ତ ସ୍ୱାମୀ ମଙ୍ଗଲ ମୁଣ୍ଡାଙ୍କୁ ପୋଲିସ ଅଟକ ରଖିଛି। ମୃତକ ହେଲେ ଭାମାଇ ମୁଣ୍ଡା।

ଭାମାଇଙ୍କ ଝିଅ ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ସମସ୍ତେ ଘରେ ଶୋଇଥିଲେ। ସକାଳୁ ନିଦରୁ ଉଠିବା ପରେ ମା'ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିଥିଲେ ବୋଲି କହିଛନ୍ତି। ତେବେ ବାପା ମଙ୍ଗଲଙ୍କ ମୁଣ୍ଡଦୋଷ ଥିବା ଯୋଗୁ ସେ ଏପରି କାଣ୍ଡ ଭିଆଇଥିବା ସାବିତ୍ରୀ ପୋଲିସକୁ କହିଛନ୍ତି। ରବିବାର ପୂର୍ବାହ୍ନରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡ଼ୁଥିଲା



ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)





ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଜ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଜ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଜ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍‌ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ-ମହା ନଦୀ-ସୋଲ ନଦୀ-ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡ଼ିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା-ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା-ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।

